# NATIONAL NEWS BULLETIN (ODIA)

## 8 October - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନ ବନ୍ଦର ଓ ଅନ୍ୟାନ୍ୟ ପ୍ରକଳ୍ପର କଲେ ଉଦ୍‌ଘାଟନ
- ଭାରତ–ବ୍ରିଟେନ୍ ମୁକ୍ତବାଣିଜ୍ୟ ରାଜିନାମା ସବୁଠାରୁ ବଡ଼ ଚୁକ୍ତି ବୋଲି କହିଲେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟାରମର୍
- ଆସନ୍ତାକାଲିଠାରୁ ତିନିଦିନିଆ ଗୁଜୁରାଟ ଗସ୍ତରେ ଯିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ଭାରତର ପ୍ରଥମ ବାଣିଜ୍ୟିକ ବୈଦ୍ୟୁତିକ ଟ୍ରକ୍ ବ୍ୟାଟେରି ସ୍ୱାପିଂ ଓ ଚାର୍ଜିଂ ଷ୍ଟେସନ୍‌ର ଉଦ୍‌ଘାଟନ କଲେ କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ

ଏବଂ

- ଧାତୁ ଜୈବଢାଞ୍ଚା ବିକାଶ ପାଇଁ ତିନି ଜଣ ବୈଜ୍ଞାନିକ ପାଇବେ ଚଳିତ ବର୍ଷର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର

# ମୁମ୍ବାଇ– ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ପର୍ଯ୍ୟାୟ-୧ ଓ ଅନ୍ୟାନ୍ୟ ଯୋଗାଯୋଗ ପ୍ରକଳ୍ପର ଉଦଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ଅଭିବୃଦ୍ଧି ଏବଂ ସୁଯୋଗର ଏକ ବୈଶ୍ୱିକ କେନ୍ଦ୍ର ଭାବରେ ସହରର ସ୍ଥିତିକୁ ସୁଦୃଢ଼ କରିବ।

**V/O– PM**

ଶ୍ରୀ ମୋଦୀ ଦୁଇ ଦିନିଆ ଗସ୍ତରେ ଯାଇ ମୁମ୍ବାଇରେ ପହଞ୍ଚିଛନ୍ତି। ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ସାର୍ କେର୍ ଷ୍ଟାରମର୍ ଭାରତକୁ ତାଙ୍କର ପ୍ରଥମ ସରକାରୀ ଗସ୍ତରେ ଆସି ସକାଳେ ମୁମ୍ବାଇରେ ପହଞ୍ଚିଛନ୍ତି। ତାଙ୍କୁ ମହାରାଷ୍ଟ୍ର ତଥା ଗୁଜରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଏବଂ ଏକନାଥ ସିନ୍ଦେ ସ୍ୱାଗତ କରିଥିଲେ। ଏହି ଦୁଇ ଦିନରେ ଶ୍ରୀ ମୋଦୀ ଓ କେର୍ ଷ୍ଟାରମ୍‌ରଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବା ସହ ମୁମ୍ବାଇର ଜିଓ ୱାର୍ଲ୍ଡ ସେଣ୍ଟରରେ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ୍’ର ଷଷ୍ଠ ସଂସ୍କରଣରେ ମଧ୍ୟ ଯୋଗଦେବେ। ଆସନ୍ତାକାଲି ଉଭୟ ନେତା ଉଦ୍‌ବୋଧନର ଦେବାର କାର୍ଯ୍ୟକ୍ରମ ରହିଛି।

# ମୋଦୀ -ୟୁକେ ପିଏମ୍

ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା ୟୁରୋପୀୟ ସଂଘ ଛାଡ଼ିବା ପରେ ବ୍ରିଟେନ୍ ସ୍ୱାକ୍ଷର କରିଥିବା ସବୁଠାରୁ ବଡ଼ ଚୁକ୍ତି ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟାରମର୍ କହିଛନ୍ତି। ମୁମ୍ବାଇ ଗସ୍ତର ପ୍ରଥମ ଦିନରେ ଆଜି ସେଠାରେ ବ୍ୟବସାୟିକ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି, ବ୍ରିଟେନ୍ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ବାଣିଜ୍ୟ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଚଳିତ ବର୍ଷ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ରିଟେନ୍ ଗସ୍ତ ପରେ ଏଭଳି ଚୁକ୍ତି ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ସେ କହିଛନ୍ତି, ଏହା ବ୍ରିଟେନ୍ ଦ୍ୱାରା ଭାରତକୁ ପଠାଯାଇଥିବା ସବୁଠାରୁ ବଡ଼ ବାଣିଜ୍ୟ ମିଶନ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲଣ୍ଡନ ଗସ୍ତ ସମୟରେ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା' ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ବାର୍ଷିକ ୨୫ ଦଶମିକ ୫ ବିଲିୟନ ପାଉଣ୍ଡ୍ ବୃଦ୍ଧି ବୋଲି ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମାରେ ବୟନ, ହ୍ୱିସ୍କି ଏବଂ କାର୍ ଭଳି ଉତ୍ପାଦ ଉପରେ ପ୍ରମୁଖ ଶୁଳ୍କ ହ୍ରାସ ଅନ୍ତର୍ଭୁକ୍ତ ରହିଛି, ଯାହା ଉଭୟ ଦେଶରୁ ରପ୍ତାନିକୁ ଅଧିକ ପ୍ରତିଯୋଗିତାମୂଳକ କରିବ।

ଏହି ଚୁକ୍ତିନାମା ଅନୁଯାୟୀ, ବ୍ରିଟେନ୍ ପୂର୍ଣ୍ଣ ବାଣିଜ୍ୟ ମୂଲ୍ୟ ସହିତ ୯୯ ଦଶମିକ ୧ ପ୍ରତିଶତ ଶୁଳ୍କ ରେଖା ପ୍ରଦାନ କରିବ।  ମୁଖ୍ୟତଃ ଶୂନ୍ୟ ଶୁଳ୍କରେ ଭାରତୀୟ ବ୍ୟବସାୟଗୁଡ଼ିକୁ ବ୍ରିଟେନ୍ ବଜାରରେ ପ୍ରବେଶ କରିବାର ମଧ୍ୟ ସୁଯୋଗ ମିଳିବ। ଏହି ଚୁକ୍ତି ଦ୍ୱାରା ଉଭୟ ଦେଶରେ ହଜାର ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ବିଶେଷକରି ବୟନଶିଳ୍ପ, ଚମଡା, ଜୋତା, କ୍ରୀଡା ସାମଗ୍ରୀ ଏବଂ ଇଞ୍ଜିନିୟରିଂ କ୍ଷେତ୍ର ଅଗ୍ରପ୍ରାଧାନ୍ୟ ପାଇବ।

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ବ୍ରିଟିଶ ପ୍ରତିପକ୍ଷଙ୍କୁ ସ୍ୱାଗତ ଜଣାଇଥିଲେ। ସାମାଜିକ ଗଣମାଧ୍ୟମର ଏକ ବାର୍ତ୍ତାରେ ସେ କହିଛନ୍ତି' ଉଭୟ ରାଷ୍ଟ୍ର ପାଇଁ ଏକ ଦୃଢ଼ ଏବଂ ଅଧିକ ସମୃଦ୍ଧ ଭବିଷ୍ୟତ ଲାଗି ଏକାଠି କାମ କରିବା ପାଇଁ ସେ ଆସନ୍ତାକାଲି ବୈଠକକୁ ଅପେକ୍ଷା କରିଛନ୍ତି।

ବୈଦେଶିକ ମନ୍ତ୍ରଣାଳୟ କହିଛି, ଏହି ଗସ୍ତ ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ଦୃଢ଼ ଏବଂ ଗତିଶୀଳ ସହଭାଗୀତାର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ।

## ପ୍ରେଜ୍ ଭିଜିଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ତିନି ଦିନିଆ ଗୁଜରାଟ ଗସ୍ତରେ ଯିବେ। ସେ ଶୁକ୍ରବାର ସୋମନାଥ ମନ୍ଦିରରେ ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି। ସେ ଗିର୍ ଜାତୀୟ ଉଦ୍ୟାନ ପରିଦର୍ଶନ କରିବା ସହ ସାସନ ଗିର୍‌ରେ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଆଲୋଚନା କରିବେ। ରାଷ୍ଟ୍ରପତି ମୁର୍ମୁ' ଶନିବାର ଦିନ ଦ୍ୱାରକାର ଦ୍ୱାରକାଧୀଶ ମନ୍ଦିରରେ ଦର୍ଶନ ଏବଂ ଆରତୀ କରିବେ। ସେ ଅହମ୍ମଦାବାଦରେ ଗୁଜରାଟ ବିଦ୍ୟାପୀଠର ୭୧ତମ ସମାବର୍ତ୍ତନ ସମାରୋହରେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବାୟୁସେନା ଦିବସ

ଭାରତୀୟ ବାୟୁସେନା ଆଜି ପାଳନ କରୁଛି ତା'ର ପ୍ରତିଷ୍ଠା ଦିବସ। ଭାରତୀୟ ସେନାର ଜାଗ୍ରତ ପ୍ରହରୀଭାବେ ନିଷ୍ଠା ଓ ସମର୍ପଣ ଭାବ ସହ ଆକାଶମାର୍ଗରୁ ଦେଶର ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ ବାୟୁସେନା କାର୍ଯ୍ୟ କରୁଛି। ୧୯୩୨ ମସିହା ଆଜିର ଦିନରେ ଭାରତୀୟ ବାୟୁସେନା ପ୍ରତିଷ୍ଠା କରାଯାଇଥିଲା।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇ ଭାରତୀୟ ବାୟୁସେନା ସର୍ବଦା ସାହସ, ସମର୍ପଣ ଏବଂ ଉତ୍କୃଷ୍ଟତାର ଉଦାହରଣ ଦେଇଛି ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାୟୁସେନାର ବୀରଯୋଦ୍ଧାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।  ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ବିଶେଷକରି ବିପଦ ସମୟରେ ଦେଶର ଆକାଶମାର୍ଗକୁ ସୁରକ୍ଷା ଦେବା କ୍ଷେତ୍ରରେ ବାୟୁସେନାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି।

## ଗଡ଼କରୀ ହରିୟାଣା

କେନ୍ଦ୍ର ସଡ଼କ, ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଆଜି ହରିୟାଣାର ସୋନିପତର ପାଞ୍ଚି ଗୁଜରାନ ଗ୍ରାମରେ ଦିଲ୍ଲୀ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍‌ରେ ଭାରତର ପ୍ରଥମ ବାଣିଜ୍ୟିକ ବୈଦ୍ୟୁତିକ ଟ୍ରକ୍ ବ୍ୟାଟେରୀ ସ୍ୱାପିଂ ଏବଂ ଚାର୍ଜିଂ ଷ୍ଟେସନ୍‌ର ଉଦ୍‌ଘାଟନ କରିଛନ୍ତି।

କାର୍ଯ୍ୟକ୍ରମରେ ସେ କହିଛନ୍ତି, ସେହି ଦିନ ଦୂରରେ ନାହିଁ ଯେତେବେଳେ ଭାରତ ବିମାନ ଇନ୍ଧନ ଉତ୍ପାଦନରେ ଏକ ନମ୍ବର ସ୍ଥାନ ପାଇବ ଏବଂ ଚାଷୀମାନଙ୍କୁ ନଡ଼ା ଜାଳିବା ପରିବର୍ତ୍ତେ ନଡ଼ା ବ୍ୟବହାର କରିବାକୁ ଅନୁରୋଧ କରିଛନ୍ତି। ନଡ଼ାକୁ ଇନ୍ଧନ ଉତ୍ପାଦନ ପାଇଁ ବ୍ୟବହାର କରାଯିବା ଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥା ମଜବୁତ ହୋଇପାରିବ। ଶ୍ରୀ ଗଡ଼କରୀ କହିଛନ୍ତି, ଚାଷୀମାନେ ଏବେ ଇନ୍ଧନ ଯୋଗାଣକାରୀ ହେବେ, ନଡ଼ାରୁ ମଧ୍ୟ ଇନ୍ଧନ ତିଆରି ପାଇଁ କାମ କରାଯାଉଛି। ସେ କହିଛନ୍ତି, ଆମ ଦେଶରେ ବାୟୋ-ବିଟୁମେନ୍ ତିଆରି ପାଇଁ ୫ ନିୟୁତ

ଟନ୍ ନଡ଼ା ବ୍ୟବହାର କରାଯାଉଛି । ଇଥାନଲ ବିଷୟରେ ଆଲୋଚନା କରି ସେ କହିଛନ୍ତି, ମକାରୁ ଇଥାନଲ ଉତ୍ପାଦନ କରାଯାଉଛି, ଯାହା ମକାର ବଜାର ବୃଦ୍ଧି କରିଛି ଶ୍ରୀ ଗଡକରୀ କହିଛନ୍ତି ।

## ଇସି– ପୋଷ୍ଟାଲ ବାଲାଟ୍

ଆଗାମୀ ବିହାର ବିଧାନସଭା ନିର୍ବାଚନରେ ବୃଦ୍ଧ, ଦିବ୍ୟାଙ୍ଗଜନ ଏବଂ ସେବାରେ କାର୍ଯ୍ୟରତ ଭୋଟରମାନଙ୍କୁ ପୋଷ୍ଟାଲ୍ ବାଲଟ୍ ବ୍ୟବହାର କରି ଭୋଟ ଦେବା ପାଇଁ ନିର୍ବାଚନ କମିଶନ ସୁବିଧା ପ୍ରଦାନ କରିବେ । କମିଶନ କହିଛନ୍ତି, ୮୫ ବର୍ଷରୁ ଅଧିକ ବୟସର ମତଦାତା ଏବଂ ଦିବ୍ୟାଙ୍ଗ ଥିବା ଭୋଟରମାନେ ପୋଷ୍ଟାଲ୍ ବାଲଟ୍ ମାଧ୍ୟମରେ ସେମାନଙ୍କର ଭୋଟ ଦେଇପାରିବେ । କମିଶନ ଏକ ବିବୃତ୍ତିରେ କହିଛନ୍ତି, ଏହି ପ୍ରକାରର ଭୋଟରମାନେ ଫର୍ମ ୧୨-ଡି' ବ୍ୟବହାର କରି ଏହି ସୁବିଧା ପାଇପାରିବେ ଏବଂ ନିର୍ବାଚନର ବିଜ୍ଞପ୍ତି ଜାରି ହେବାର ପାଞ୍ଚ ଦିନ ମଧ୍ୟରେ ସେମାନଙ୍କର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ତାହାକୁ ଦାଖଲ କରିପାରିବେ । କମିଶନ କହିଛନ୍ତି, ଭୋଟ୍ ତାରିଖରେ ଅତ୍ୟାବଶ୍ୟକ ସେବାରେ ଥିବା ଭୋଟରମାନେ ସେମାନଙ୍କ ସମ୍ପୃକ୍ତ ବିଭାଗର ନିଯୁକ୍ତ ନୋଡାଲ୍ ଅଧିକାରୀଙ୍କ ଜରିଆରେ ପୋଷ୍ଟାଲ୍ ବାଲଟ୍ ସୁବିଧା ପାଇଁ ଆବେଦନ ମଧ୍ୟ କରିପାରିବେ । ନିର୍ବାଚନ କମିଶନ କହିଛନ୍ତି, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଟ୍ରାଫିକ୍, ଆମ୍ବୁଲାନ୍ସ ସେବା,

ବିମାନ ଚଳାଚଳ ଏବଂ ଦୂରଗାମୀ ସରକାରୀ ସଡ଼କ ପରିବହନ ନିଗମ ଭଳି ଅତ୍ୟାବଶ୍ୟକ ସେବାଗୁଡ଼ିକ ଏହି ସୁବିଧା ଅଧୀନରେ ଅନ୍ତର୍ଭୁକ୍ତ।

## ଆନ୍ଧ୍ରପ୍ରଦେଶ ବ୍ଲାଷ୍ଟ

ଆନ୍ଧ୍ରପ୍ରଦେଶର ଡକ୍ଟର ବି.ଆର. ଆମ୍ବେଦକର କୋନସୀମା ଜିଲ୍ଲାର ରାୟାବରମ ମଣ୍ଡଳରେ ଥିବା ଏକ ବାଣ କାରଖାନାରେ ଆଜି ବିସ୍ଫୋରଣ ଘଟିବାରୁ ଛଅ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଦୁଇଜଣ ଆହତ ହୋଇଛନ୍ତି। ଏକ ଫାୟାର ୱାର୍କସ ୟୁନିଟରେ ଶ୍ରମିକମାନେ ବାଣ ତିଆରି କରୁଥିବା ସମୟରେ ଏହି ଅଘଟଣ ଘଟିଥିଲା। ୟୁନିଟ ପରିଚାଳନା ବେଳେ କୌଣସି ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ପୁଲିସ କହିଛି। ଜିଲ୍ଲା ପୋଲିସ ଅଧୀକ୍ଷକ ରାହୁଲ ମୀନା କହିଛନ୍ତି, ଏହି ବାଣ କାରଖାନା ଲାଇସେନ୍ସପ୍ରାପ୍ତ ଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ କାକିନାଡାର ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି।

ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ଦୁର୍ଘଟଣାର କାରଣ, ବର୍ତ୍ତମାନର ସ୍ଥିତି, ଉଦ୍ଧାର କାର୍ଯ୍ୟ, ଚିକିତ୍ସା ସହାୟତା ଏବଂ ଅନ୍ୟାନ୍ୟ ବିଷୟ ନେଇ ସେ ଅଧିକାରୀଙ୍କଠାରୁ ପଚାରି ବୁଝିଛନ୍ତି।

ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାରକୁ

ସମବେଦନା ଜଣାଇଛନ୍ତି।  ସାମାଜିକ ଗଣମାଧ୍ୟମ ଶ୍ରୀ ମୋଦୀ' ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ନୋବେଲ ପ୍ରାଇଜ୍

ଧାତୁ-ଜୈବ ଢାଞ୍ଚା ବିକାଶ ପାଇଁ ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ତିନି ଜଣ ବୈଜ୍ଞାନିକ ଚଳିତ ବର୍ଷର  ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର  ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଣବିକ ଗଠନ ବେଳେ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ପ୍ରବାହିତ ହୋଇପାରିବା ନେଇ କରିଥିବା ଗବେଷଣା ପାଇଁ ସୁସୁମୁ କିତାଗାୱା, ରିଚାର୍ଡ ରବସନ୍ ଏବଂ ଓମର୍ ଏମ୍.ୟାଗି ଏହି ପୁରସ୍କାର ପାଇବେ।

ଶ୍ରୀ କିଟାଗାୱା ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଥିବାବେଳେ ରିଚାର୍ଡ ରବସନ୍ ବର୍ତ୍ତମାନ ଅଷ୍ଟ୍ରେଲିଆର ମେଲବର୍ଣ୍ଣ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ କାର୍ଯ୍ୟ କରୁଛନ୍ତି। ସେହିପରି ୟାଘି ବର୍ତ୍ତମାନ ଆମେରିକାର ବର୍କଲିର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି। ମନୋନୀତ ହୋଇଥିବା ବୈଜ୍ଞାନିକଙ୍କ ମଧ୍ୟରେ ୧୧ ନିୟୁତ ସ୍ୱିଡିସ୍ କ୍ରୋନର ପୁରସ୍କାର ଆକାରରେ ଭାଗ କରାଯିବ।

## ଗଭ- ଟାଇଗର୍ସ

ଭାରତ ଦୂରଦୃଷ୍ଟିସମ୍ପନ୍ନ ଟାଇଗର ଆଟ୍‌–୨୦୪୭ ଯୋଜନା ଅଧୀନରେ ପ୍ରତ୍ୟେକ ସମ୍ଭାବ୍ୟ ବାଘ ଭୂଦୃଶ୍ୟକୁ ସୁରକ୍ଷିତ ରଖିବା ପାଇଁ କାର୍ଯ୍ୟ କରୁଛି ବୋଲି ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି। ନୂଆଦିଲ୍ଲୀରେ ଗ୍ଲୋବାଲ୍ ବିଗ୍ କ୍ୟାଟ୍ସ ଫଟୋଗ୍ରାଫି ପ୍ରତିଯୋଗିତା–୨୦୨୫ର ପୁରସ୍କାର ସମାରୋହରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ଭାରତ କେବଳ ଏହାର ସଂରକ୍ଷଣ ଢାଞ୍ଚାକୁ ମଜବୁତ କରିନାହିଁ, ବରଂ ବିକାଶ ଏବଂ ପ୍ରକୃତି କିପରି ସହାବସ୍ଥାନ କରିପାରିବେ ତାହା ମଧ୍ୟ ପୁନଃପରିଭାଷିତ କରିଛି। ଏହା ୨୦୨୬ରେ ହେବାକୁ ଥିବା ବାଘ ସଂରକ୍ଷଣ ଉପରେ ବିଶ୍ୱ ସମ୍ମିଳନୀର ଏକ ପ୍ରାକ୍-ଶିଖର କାର୍ଯ୍ୟକ୍ରମ ଥିଲା। ବାଘ ସଂରକ୍ଷଣରେ ଭାରତର ସଫଳତାର ନେଇ ଶ୍ରୀ ଯାଦବ କହିଛନ୍ତି, ଗତ ଦଶନ୍ଧିରେ ବାଘ ସଂଖ୍ୟାରେ ୩୦ ପ୍ରତିଶତ ବୃଦ୍ଧି ଘଟିଛି।

ଏସିଆଟିକ୍ ସିଂହ ବିଷୟରେ ଆଲୋଚନା କରି ମନ୍ତ୍ରୀ କହିଛନ୍ତି, ସେମାନେ ବର୍ତ୍ତମାନ ୩୫ ହଜାର ବର୍ଗ କିଲୋମିଟରରେ ବଢୁଛନ୍ତି, ୨୦୨୦ ପରଠାରୁ ସେମାନଙ୍କ ସଂଖ୍ୟା ୩୨ ପ୍ରତିଶତ ବୃଦ୍ଧି ପାଇ ୮୯୧ରେ ପହଞ୍ଚିଛି।